# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**27th April - 2024**

**News Editor : *Tapan Kumar Maharana***

************************************

## ମୁଖ୍ୟ ସମ୍ବାଦ

- ବିଜେପି ପକ୍ଷରୁ ଆଠଟି ବିଧାନସଭା ଆସନ ଏବଂ ତିନୋଟି ଆସନ ପାଇଁ ବିଜେଡି ଘୋଷଣା କଲା ପ୍ରାର୍ଥୀ
- ଶାନ୍ତିଶୃଙ୍ଖଳାର ସହିତ ସାଧାରଣ ନିର୍ବାଚନ ପ୍ରକ୍ରିୟା ପରିଚାଳନା ନିମନ୍ତେ ରାଜ୍ୟରେ ୧୬୫ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ ହେବେ ମୁତୟନ
- ବିଜେପି ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଆସନ୍ତାକାଲି ଓଡ଼ିଶାରେ କରିବେ ନିର୍ବାଚନୀ ସଭା
- ଓଡ଼ିଆ ସିନେମାକୁ ଆଜି ପୁରିଲା ୮୮ ବର୍ଷ ।

ଏବଂ

- ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି; ଅଧିକାଂଶ ଜିଲ୍ଲାର ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ

## ପ୍ରାର୍ଥୀ ଘୋଷଣା

ଭାରତୀୟ ଜନତା ପାର୍ଟି ଏବଂ ବିଜୁ ଜନତା ଦଳ ପକ୍ଷରୁ ଆଜି କେତେ ଜଣ ବିଧାନସଭା ପ୍ରାର୍ଥୀଙ୍କର ନାମ ଘୋଷଣା କରାଯାଇଛି । ବିଜେପି ୮ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ସାଲେପୁର ବିଧାନସଭା ଆସନ ପାଇଁ ବିଜେପି ପକ୍ଷରୁ ଅରିନ୍ଦମ ରାୟ, ହିନ୍ଦୋଳରୁ ସୀମାରାଣୀ ନାୟକ, ତେଲକୋଇରୁ ଫକୀର ମୋହନ ନାୟକ, ଚମ୍ପୁଆରୁ ମୁରଲୀ ମନୋହର ଶର୍ମା, ବସ୍ତାରୁ ରବୀନ୍ଦ୍ର ଅଣ୍ଡିଆ, ଖୋର୍ଦ୍ଧାରୁ ପ୍ରଶାନ୍ତ ଜଗଦ୍ଦେବ, କେନ୍ଦ୍ରାପଡ଼ାରୁ ଗୀତାଞ୍ଜଳି ସେଠୀ, ବାସୁଦେବପୁରରୁ ବାଣୀ କଲ୍ୟାଣ ମହାନ୍ତି ପ୍ରାର୍ଥୀ ହୋଇଛନ୍ତି ।

ଅନ୍ୟପକ୍ଷରେ ବିଜେଡି ୩ଟି ଆସନ ପାଇଁ ଭୋଗରାଇରୁ ଗୌତମବୁଦ୍ଧ ଦାସ, ଖୋର୍ଦ୍ଧାରୁ ରାଜେନ୍ଦ୍ର ସାହୁ ଏବଂ ବେଗୁନିଆରୁ ପ୍ରଦୀପ ସାହୁଙ୍କୁ ପ୍ରାର୍ଥୀ କରିଛି ।

ସୂଚନାଯୋଗ୍ୟ, ବର୍ତ୍ତମାନ ସୁଦ୍ଧା ଭାରତୀୟ ଜନତା ପାର୍ଟି ୭ଟି, କଂଗ୍ରେସ ୮ଟି ଏବଂ ବିଜେଡି ୩ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିବାକୁ ଆହୁରି ବାକି ରହିଛି । ହେଲେ ଏହି ତିନି ପ୍ରମୁଖ ଦଳ ରାଜ୍ୟରେ ହେବାକୁ ଥିବା ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ପାଇଁ ୯ଟି ଲୋକସଭା ଏବଂ ୬୩ଟି ବିଧାନସଭା ଆସନ ପାଇଁ ପୂର୍ବରୁ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି ।

## ସଶସ୍ତ୍ର ପୁଲିସ ବାହିନୀ ନିର୍ବାଚନ

ରାଜ୍ୟରେ ସମ୍ପୂର୍ଣ୍ଣ ଶାନ୍ତିଶୃଙ୍ଖଳା ମଧ୍ୟରେ ଆଗାମୀ ସାଧାରଣ ନିର୍ବାଚନ ପ୍ରକ୍ରିୟା ପରିଚାଳନା ନିମନ୍ତେ ୧୬୫ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ ମୁତୟନ କରାଯାଉଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି। ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪କୁ ମୁକ୍ତ, ଅବାଧ, ସ୍ୱଚ୍ଛ ତଥା ନିରପେକ୍ଷ ଭାବେ ପରିଚାଳନା କରିବା ଓ ଆଇନଶୃଙ୍ଖଳା ପରିସ୍ଥିତିକୁ ଆୟତ୍ତରେ ରଖି ଏହି ଜାତୀୟ ମତଦାନ ଉତ୍ସବର ବ୍ୟବସ୍ଥା ପାଇଁ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୭୫ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ ଯବାନ ମୁତୟନ ହୋଇସାରିଛନ୍ତି। ଶାନ୍ତିପୂର୍ଣ୍ଣ ନିର୍ବାଚନ ଲକ୍ଷ୍ୟରେ ଜନସାଧାରଣଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ପାଇଁ ପୁଲିସ ବାହିନୀ ଫ୍ଲାଗମାର୍ଚ୍ଚ କରୁଛନ୍ତି। ଆସନ୍ତା ମଇ ମାସ ପ୍ରଥମାର୍ଦ୍ଧରେ ଆଉ ୯୦ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ କାର୍ଯ୍ୟରେ ଯୋଗଦେବେ ବୋଲି ଶ୍ରୀ ଧଳ କହିଛନ୍ତି।

## ନଡ୍ଡା-ରାହୁଲଙ୍କ ଓଡ଼ିଶା ଗସ୍ତ

ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ଆସନ୍ତାକାଲି ଦିନିକିଆ ଓଡିଶା ଗସ୍ତରେ ଆସିବେ। ଶ୍ରୀ ନଡ୍ଡା ନବରଙ୍ଗପୁର ଓ ବ୍ରହ୍ମପୁର ଲୋକସଭା କ୍ଷେତ୍ର ଗସ୍ତ କରି ନିର୍ବାଚନୀ ସଭାରେ ଯୋଗଦେବେ। ପ୍ରଥମେ ବ୍ରହ୍ମପୁର ଏବଂ ପରେ ନବରଙ୍ଗପୁର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି।

କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ମଧ୍ୟ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସି ଦଳର ପ୍ରଚାର କାର୍ଯ୍ୟରେ ଭାଗ ନେବେ । ସୂଚନା ଅନୁସାରେ ରାହୁଲ ଗାନ୍ଧୀ ସାଲେପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସତ୍ୟଭାମାପୁରରେ ଏକ ନିର୍ବାଚନୀ ସଭାରେ ଯୋଗଦେବେ ।

## ନିର୍ବାଚନ ସ୍ଥିତି-ରାୟଗଡ଼ା

ଆଗାମୀ ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହିତ କରିବା ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ରାୟଗଡ଼ା ଜିଲ୍ଲାରେ ଲୋକସଭା ଏବଂ ବିଧାନସଭା ପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାରେ ରାଜ୍ୟର ତିନୋଟି ପ୍ରମୁଖ ଦଳ ବିଜେଡି, ବିଜେପି ଏବଂ କଂଗ୍ରେସ ପକ୍ଷରୁ ଜୋରଦାର୍ ରାଜନୈତିକ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଭିନ୍ନ ସ୍ଥାନରେ ପ୍ରଚାର କାର୍ଯ୍ୟ ସହ ରୋଡ୍ ଶୋ' ମାଧ୍ୟମରେ ଦଳର ଜନକଲ୍ୟାଣକାରୀ ଯୋଜନାକୁ ଦଳୀୟ ପ୍ରାର୍ଥୀମାନେ ଭୋଟରଙ୍କ ନିକଟରେ ତାଙ୍କ ଦଳକୁ ଭୋଟ୍ ଦେବା ପାଇଁ ନିବେଦନ କରୁଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ରାଜନୈତିକ ଉଷ୍ମତା ମଧ୍ୟ ବୃଦ୍ଧି ପାଉଛି। ରାୟଗଡ଼ା ଜିଲ୍ଲାର ନିର୍ବାଚନ ସମ୍ପର୍କିତ ତଥ୍ୟକୁ ନେଇ ଆମ ସମ୍ବାଦଦାତା ସୀମାଞ୍ଚଳ ପଣ୍ଡାଙ୍କ ରିପୋର୍ଟ...

**- V/O –**

## ଓଡ଼ିଶା– ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ନିର୍ବାଚନ

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ଆସନ୍ତା ୨୯ ତାରିଖ, ସୋମବାର ବିଜ୍ଞପ୍ତି ପ୍ରକାଶ ପାଇବ। ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, କଟକ, ପୁରୀ ଏବଂ ଭୁବନେଶ୍ୱର ଲୋକସଭା ଆସନ ଏବଂ ତାର ପରିସର ଅଧୀନରେ ଆସୁଥିବା ବିଧାନସଭା ଆସନଗୁଡ଼ିକ ପାଇଁ ମଇ ମାସ ୨୫ ତାରିଖରେ ଭୋଟ୍ ନିଆଯିବ।

ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଗତକାଲି ବିଜ୍ଞପ୍ତି ପ୍ରକାଶ ପାଇଛି। ୫ଟି ସଂସଦୀୟ କ୍ଷେତ୍ର ବରଗଡ଼, ସୁନ୍ଦରଗଡ, ବଲାଙ୍ଗୀର, କନ୍ଧମାଳ ଏବଂ ଆସିକା ସହିତ ଏହାର ପରିସର ମଧ୍ୟରେ ୩୫ଟି ବିଧାନସଭା ଆସନ ପାଇଁ ମଧ୍ୟ ବିଜ୍ଞପ୍ତି ଜାରି ହୋଇଛି। ଆସନ୍ତା ମଇ ମାସ ୨୦ ତାରିଖରେ ଏହି ୫ଟି ଲୋକସଭା ଓ ୩୫ଟି ବିଧାନସଭା ଆସନ ପାଇଁ ଭୋଟ୍ ନିଆଯିବ। ଆସନ୍ତା ମଇ ମାସ ୩ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିପାରିବେ। ମଇ ମାସ ୪ ତାରିଖରେ ନାମାଙ୍କନପତ୍ର ଯାଞ୍ଚ ଏବଂ ୬ ତାରିଖରେ ନାମାଙ୍କନପତ୍ର ପ୍ରତ୍ୟାହାର ପାଇଁ ସମୟ ଧାର୍ଯ୍ୟ କରାଯାଇଛି।

ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ୫ ଲୋକସଭା କ୍ଷେତ୍ର ଅଧିନରେ ମୋଟ ୭୯ ଲକ୍ଷ ୬୨ ହଜାର ୧୪୮ ଜଣ ମତଦାତା ଅଛନ୍ତି। ସେମାନଙ୍କ ମଧ୍ୟରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୪୦ ଲକ୍ଷ ୩୦ ହଜାର ୨୮୩ ଜଣ ଏବଂ ମହିଳା

ଭୋଟରଙ୍କ ସଂଖ୍ୟା ୩୯ ଲକ୍ଷ ୩୧ ହଜାର ୧୫ ଜଣ ଅଛନ୍ତି। ଏହି ତାଲିକାରେ ୮୫୦ ଜଣ ତୃତୀୟଲିଙ୍ଗୀ ଭୋଟର ଥିବା ଜଣାପଡିଛି ।

## ଓଡ଼ିଆ ସିନେମା ପୂର୍ତ୍ତି

ଓଡ଼ିଆ ସିନେମାକୁ ଆଜି ୮୮ ବର୍ଷ ପୁରିଛି । ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ମୋହନ ସୁନ୍ଦରଦେବ ଗୋସ୍ୱାମୀଙ୍କ 'ସୀତା ବିବାହ' ୧୯୩୬ ମସିହା ଅପ୍ରେଲ ମାସ ୨୮ ତାରିଖରେ ପୁରୀ ସହରର ଲକ୍ଷ୍ମୀ ଟକିଜ୍‌ରେ ମୁକ୍ତିଲାଭ କରିଥିଲା । ୨୦୦୦ ମସିହା ପୂର୍ବରୁ ରାଜ୍ୟରେ ପ୍ରାୟ ୧୨୦ରୁ ଅଧିକ ସିନେମା ହଲ୍ ଥିଲା । ହେଲେ ୨୦୧୫ ମସିହା ବେଳକୁ ରାଜ୍ୟର ସିନେମା ହଲ୍ ସଂଖ୍ୟା ୮୫କୁ ହ୍ରାସ ପାଇଥିଲା । ବର୍ତ୍ତମାନ ରାଜ୍ୟରେ ମାତ୍ର ୫୫ଟି ସିନେମା ହଲ୍‌ରେ ଚଳଚ୍ଚିତ୍ର ପ୍ରଦର୍ଶନ ହେଉଛି । ପୁରୀ ଜିଲ୍ଲାରେ କୌଣସି ଗୋଟିଏହେଲେ ସିନେମା ହଲ୍ ବର୍ତ୍ତମାନ କାର୍ଯ୍ୟକ୍ଷମ ନାହିଁ । ଯୁଗ ବଦଳିବା ସହ ମନୋରଞ୍ଜନ କ୍ଷେତ୍ରରେ ନୂଆ ନୂଆ କୌଶଳ ଦେଖାଦେଇଛି । ସିନେମା ହଲ୍ ପରିବର୍ତ୍ତେ ବର୍ତ୍ତମାନ ଓଟିଟି ପ୍ଲାଟଫର୍ମରେ ଓଡ଼ିଆ ସିନେମା ଦର୍ଶକଙ୍କର ଚାହିଦା ବଢ଼ିଛି । ଓଡ଼ିଆ ସିନେମାକୁ କିପରି ପ୍ରେକ୍ଷାଳୟରେ ଅଧିକ ସୁଯୋଗ ମିଳିବ ସେ ସମ୍ପର୍କରେ ପଦକ୍ଷେପ ନେବା ନିତ୍ୟାନ୍ତ ଜରୁରୀ ବୋଲି ସର୍ବସାଧାରଣରେ ମତପ୍ରକାଶ ପାଇଛି ।

## କେନ୍ଦୁଝର ନିର୍ବାଚନ ସଚେତନତା

କେନ୍ଦୁଝର ଜିଲ୍ଲାରେ ଆସନ୍ତା ମଇ ମାସ ୨୫ ତାରିଖରେ ନିର୍ବାଚନ ହେବ। ଜିଲ୍ଲାର ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। କେନ୍ଦୁଝରଗଡ଼ ପୌରପାଳିକା ପକ୍ଷରୁ ସହରର

ଜନଗହଳିପୂର୍ଣ୍ଣ ସ୍ଥାନରେ ସେଲ୍‌ଫି ପଏଣ୍ଟ ସ୍ଥାପନ କରାଯାଇ ନିର୍ବାଚନ ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରାଯାଉଛି। ଏହାଛଡ଼ା ମିଲେଟ୍ ଶକ୍ତି କାଫେରେ ମିଶନ ଶକ୍ତିର ମହିଳାମାନେ ନିର୍ବାଚନ ସଚେତନତା ପୋଷ୍ଟର ଏବଂ ପ୍ଲା କାର୍ଡ' ଧରି ଭୋଟରମାନଙ୍କୁ ସଚେତନତାର ବାର୍ତ୍ତା ଦେଉଛନ୍ତି।

## ନିର୍ବାଚନ ପର୍ଯ୍ୟବେକ୍ଷକ

ସାଧାରଣ ନିର୍ବାଚନ ପାଇଁ କନ୍ଧମାଳ ଲୋକସଭାର ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ଏନ୍.କେ.ମିଶ୍ର ଏବଂ କଣ୍ଟାମାଳ ଓ ବୌଦ୍ଧ ବିଧାନସଭା ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକଭାବେ ପ୍ରବୀଣ କୁମାର ବି'ଙ୍କୁ ନିଯୁକ୍ତି ଦିଆଯାଇଛି।

ସେହିପରି ସୁବର୍ଣ୍ଣପୁର ଜିଲ୍ଲା ଅନ୍ତର୍ଗତ ବୀରମହାରାଜପୁର ଓ ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ପ୍ରମୋଦ ପି ସାହାକରଙ୍କୁ ଦାୟିତ୍ୱ ଦିଆଯାଇଛି।

## ଜଳ ସଂକଟ

ଦେଶର ନଦୀ ଗୁଡ଼ିକ ଦ୍ରୁତ ଗତିରେ ଶୁଖିବାରେ ଲାଗିଛି ବୋଲି କେନ୍ଦ୍ରୀୟ ଜଳ ଆୟୋଗଙ୍କ ରିପୋର୍ଟରୁ ଜଣାପଡ଼ିଛି । ରିପୋର୍ଟରୁ ମିଳିଥିବା ସୂଚନା ଅନୁଯାୟୀ ଦେଶ ବ୍ୟାପି ବିଭିନ୍ନ ସ୍ଥାନରେ ଠିକ୍ ପରିମାଣର ବର୍ଷା ହେଉନଥିବାରୁ ସ୍ଥିତି ଅଧିକ ଗୁରୁତର ହୋଇଯାଇଛି । ଏପରିକି ହିମାଳୟ କ୍ଷେତ୍ରରୁ ବାହାରିଥିବା ଗଙ୍ଗା ଯମୁନା ଭଳି ନଦୀ ଅବବାହିକା ଅଞ୍ଚଳରେ ମଧ୍ୟ ମରୁଡ଼ି ସ୍ଥିତି ଗମ୍ଭୀର ହେବାରେ ଲାଗିଛି । ଗଙ୍ଗାନଦୀ ପ୍ରବାହିତ ହେଉଥିବା

୧୧ଟି ରାଜ୍ୟର ପ୍ରାୟ ୨ଲକ୍ଷ ୮୬ ହଜାର ଗ୍ରାମରେ ଜଳ ଉପଲବ୍ଧତା ହ୍ରାସ ପାଉଛି । ଏଥିଲାଗି ପ୍ରକୃତି, ଜଳବାୟୁ ପରିବର୍ତ୍ତନ ସହିତ ଅନେକ ଗୁଡ଼ିଏ ମନୁଷ୍ୟକୃତ କାରଣ ରହିଥିବା ଏହି ରିପୋର୍ଟରେ କୁହାଯାଇଛି । ଦେଶରେ ୧୩ଟି ବଡ଼, ୪୫ଟି ମଧ୍ୟମଧରଣର ଏବଂ ୫୫ଟି କ୍ଷୁଦ୍ର ଜଳଗ୍ରହଣ କ୍ଷେତ୍ର ରହିଛି । ମିଳିଥିବା ତଥ୍ୟ ଅନୁଯାୟୀ ପାଣି କ୍ଷେତ୍ରରେ ସାରା ବିଶ୍ୱରେ ଭାରତ ସର୍ବାଧିକ ସମୃଦ୍ଧ ଦେଶ । ତେବେ ୮୫ ପ୍ରତିଶତ ବର୍ଷା ପାଣି ୩ ମାସରେ ସମୁଦ୍ରକୁ ଚାଲିଯାଇଥାଏ । କ୍ଷୁଦ୍ର ନଦୀ ଗୁଡ଼ିକ ଏହି ପାଣିକୁ ସଂରକ୍ଷିତ କରି ରଖିଥାନ୍ତି । ମାତ୍ର ଏବେ ଅନେକ କ୍ଷୁଦ୍ର ନଦୀ ଶୁଖିଯାଉଥିବାରୁ ଜଳ ଆୟୋଗ ଉଦ୍‌ବେଗ ପ୍ରକାଶ କରିଛନ୍ତି । ତେଣୁ ବଡ଼ ନଦୀ ଠାରୁ କ୍ଷୁଦ୍ର ନଦୀ ଉପରେ ଅଧିକ ଧ୍ୟାନ ଦେଇ ସେଠାରେ ପାଣି ସଂରକ୍ଷଣ କରି ରଖିବା ଦିଗରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବା ଉପରେ ଆୟୋଗ ସୁପାରିଶ କରିଛନ୍ତି । ଏହାଦ୍ୱାରା ଜଳ ସମସ୍ୟାକୁ କେତେକାଂଶରେ ପ୍ରତିହତ କରାଯାଇ ପାରିବ ବୋଲି ଏହି ରିପୋର୍ଟରେ କୁହାଯାଇଛି ।

## ପାଣିପାଗ

ସମଗ୍ର ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ପାଣିପାଗ ବିଭାଗର ସୂଚନା ଅନୁସାରେ, ଗ୍ରୀଷ୍ମପ୍ରବାହ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଜାରି ରହିବ । ଏହି ସମୟ ମଧ୍ୟରେ ତାପମାତ୍ରା ବୃଦ୍ଧି ପାଇ ସର୍ବାଧିକ ୪୬ ଡିଗ୍ରୀ ପର୍ଯ୍ୟନ୍ତ ପହଞ୍ଚିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଉପକୂଳ

ଅଞ୍ଚଳକୁ ବାଦ୍ ଦେଲେ ରାଜ୍ୟର  ସମସ୍ତ ସ୍ଥାନରେ ଆଜି ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ଥିଲା । ଭୁବନେଶ୍ୱରରେ ଆଜି ଚଳିତ ବର୍ଷ ପ୍ରଥମଥର ପାଇଁ ତାପମାତ୍ରା ୪୪ ଦଶମିକ ୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ଅନୁଗୁଳ ଆଜି ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର  ସହିତ ୪୪ ଦଶମିକ ୭ ଡିଗ୍ରୀ ସେଲସିୟସ ଥିଲା । ବାରିପଦାରେ ୪୪ ଦଶମିକ ୨, ବୌଦ୍ଧ, ଢେଙ୍କାନା ଏବଂ ଭବାନୀପାଟଣାରେ ୪୩ ଦଶମିକ ୭ ଡିଗ୍ରୀ ଲେଖାଏଁ ରେକର୍ଡ କରାଯାଇଥିଲା । କଟକ, ନୟାଗଡ଼, ତାଳଚେର, ଯାଜପୁର, ବଲାଙ୍ଗୀର, ଝାରସୁଗୁଡ଼ା, ନୂଆପଡ଼ାରେ ଆଜି ଦିନର ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀରୁ ଅଧିକ ଥିଲା ।

ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଶ୍ରୀମନ୍ଦିରକୁ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ବିଶେଷ ସୁବିଧା କରାଯାଇଛି ।  ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ ପ୍ରଶାସନ ପକ୍ଷରୁ କାରପେଟ୍ ବିଛାଯାଇଛି । ଦିନରେ ପ୍ରଚଣ୍ଡ ଖରା ସମୟରେ ଏହି କାରପେଟ୍‌ରେ ଜଳସିଞ୍ଚନ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି ।

*****